# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

### 02nd December - 2024

### News Editor : *Tapan Kumar Maharana*

*********************************

***Desk***

# ଜି.ଏସ୍.ଟି. ଆଦାୟ

ନଭେମ୍ବର ମାସରେ ରାଜ୍ୟରେ ୪ ହଜାର ୭୦୪ କୋଟି ଟଙ୍କାର ଜି.ଏସ୍.ଟି. ଆଦାୟ ହୋଇଛି । ଗତ ନଭେମ୍ବରରେ ଜି.ଏସ୍.ଟି. ଆଦାୟ ରାଶି ୪ ହଜାର ୨୯୫ କୋଟି ଟଙ୍କା ହୋଇଥିଲା । ଗତବର୍ଷ ନଭେମ୍ବର ତୁଳନାରେ ଚଳିତ ବର୍ଷ ନଭେମ୍ବରରେ ରାଜ୍ୟର ଜି.ଏସ୍.ଟି. ଆଦାୟ ରାଶିରେ ୧୦ ପ୍ରତିଶତ ବୃଦ୍ଧି ଘଟିଛି । ନଭେମ୍ବରରେ ଦେଶରେ ଜି.ଏସ୍.ଟି. ଆଦାୟ ରାଶି ଗତବର୍ଷ ତୁଳନାରେ ୮ ଦଶମିକ ୫ ପ୍ରତିଶତ ବୃଦ୍ଧି ପାଇ ୧ ଦଶମିକ ୮/୨ ଲକ୍ଷ କୋଟି ରହିଛି । ଗତବର୍ଷ ନଭେମ୍ବରରେ ଜି.ଏସ୍.ଟି. ଆଦାୟ ରାଶି ୧ ଦଶମିକ ୬/୮ ଲକ୍ଷ କୋଟି ଥିଲା । ଆର୍ଥିକ ବର୍ଷ ଆରମ୍ଭରୁ ନଭେମ୍ବର ମଧ୍ୟରେ ଦେଶରେ ୧୪ ଦଶମିକ ୫/୭ ଲକ୍ଷ କୋଟି ଟଙ୍କାର ଜି.ଏସ୍.ଟି. ଆଦାୟ ହୋଇଥିବା ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ପ୍ରକାଶିତ ତଥ୍ୟରୁ ଜଣାପଡ଼ିଛି ।

*Desk*

# ନୌସେନା ଦିବସ

ପୁରୀ ବେଳାଭୂମିରେ ପ୍ରଥମ ଥର ପାଇଁ ଆସନ୍ତା ୪ ତାରିଖ ବୁଧବାର ଦିନ ଭାରତୀୟ ନୌସେନା ଦିବସ ପାଳନ କରାଯିବ। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେବେ। ନୌସେନା ଦିବସ ପାଳନ ପୂର୍ବରୁ ପୁରୀ ବେଳାଭୂମିରେ ନୌସେନାର ସମରାଭ୍ୟାସ ଚାଲିଥିବାବେଳେ ଗତକାଲିଠାରୁ ଫୁଲ୍‌ଡ୍ରେସ୍ ରିହରସାଲ୍ ଆରମ୍ଭ ହୋଇଛି। ନୌସେନା ଦିବସ ପାଳନ ପାଇଁ ସମୁଦ୍ର ଭିତରେ ୧୫ ରୁ ଊର୍ଦ୍ଧ୍ୱ ଯୁଦ୍ଧଜାହାଜ ସମରାଭ୍ୟାସ କରୁଛନ୍ତି। ଆଇଏନ୍‌ଏସ୍ ଜଳସ୍ୱ, ଦିଲ୍ଲୀ, ମହୀଶୂର, ମୁମ୍ବାଇ, ରଣବୀର, ଶକ୍ତି, ସାହ୍ୟାଦ୍ରି ଆଦି ଜାହାଜ ଏଥିରେ ସାମିଲ ଅଛନ୍ତି। ୪ ତାରିଖ ଦିନ ନୌସେନା ଯୋଦ୍ଧାମାନେ ଆକାଶରେ ମିଗ୍-୨୯ ଯୁଦ୍ଧବିମାନ, ହକ୍ ବିମାନ ସହ ୪୦ ରୁ ଅଧିକ ହେଲିକପ୍ଟରଦ୍ୱାରା ନୌସେନାର କୌଶଳ ପ୍ରଦର୍ଶନ କରିବେ।

*Desk*

# ଆୟୁଷ୍ମାନ ଭାରତ ଯୋଜନା

ରାଜ୍ୟରେ ଆୟୁଷ୍ମାନ ଭାରତ ଯୋଜନା ଏବଂ ଗୋପବନ୍ଧୁ ଆରୋଗ୍ୟ ଯୋଜନା ମିଳିତ ଭାବେ ଖୁବ୍ ଶୀଘ୍ର କାର୍ଯ୍ୟକ୍ଷମ ହେବ ବୋଲି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ କହିଛନ୍ତି। ଗଣମାଧ୍ୟମକୁ

ସୂଚନା ଦେଇ ସ୍ୱାସ୍ଥ୍ୟମନ୍ତ୍ରୀ କହିଛନ୍ତି, ରାଜ୍ୟର ସାଢ଼େ ୩ କୋଟି ଲୋକଙ୍କୁ ସ୍ୱତନ୍ତ୍ର ସ୍ୱାସ୍ଥ୍ୟ କାର୍ଡ ଦିଆଯିବ। ଦେଶର ୨୭ ହଜାର ଡାକ୍ତରଖାନାରେ ସ୍ୱାସ୍ଥ୍ୟକାର୍ଡ ଜରିଆରେ ଚିକିତ୍ସା ସୁବିଧା ମିଳିପାରିବ।

***Desk***

# ଆଳୁ ଆମଦାନୀ

ରାଜ୍ୟରେ ଆଳୁର ଅଭାବ ରହିବ ନାହିଁ, ପର୍ଯ୍ୟାପ୍ତ ପରିମାଣର ଆଳୁ ଉତ୍ତରପ୍ରଦେଶରୁ ଆମଦାନୀ କରାଯାଇ ଖାଉଟିମାନଙ୍କୁ ଯୋଗାଇ ଦିଆଯିବ ବୋଲି ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ତି। ମନ୍ତ୍ରୀ କହିଛନ୍ତି, ଉତ୍ତରପ୍ରଦେଶରୁ ୩ ଶହ ଟ୍ରକ୍ ଆଳୁ ଆଜି ସୁଦ୍ଧା ଓଡ଼ିଶାରେ ପହଞ୍ଚିବ। କୌଣସି ବ୍ୟବସାୟୀ ଚଡ଼ା ଦରରେ ଆଳୁ ବିକ୍ରୀ କଲେ ବିଭାଗର ଏନ୍‌ଫୋର୍ସ୍‌ମେଣ୍ଟ ଟିମ୍ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ ବୋଲି ମନ୍ତ୍ରୀ କହିଛନ୍ତି।

***Desk***

# ମୁଖ୍ୟମନ୍ତ୍ରୀ – ଅଭିଯୋଗ ଶୁଣାଣି

ବିଧାନସଭା ଚାଲିଥିବାରୁ ଚଳିତମାସର ସୋମବାର ଗୁଡ଼ିକରେ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି ବନ୍ଦ ରହିବ । ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗର ସୂଚନା ଅନୁସାରେ, ଆଜି ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି ବନ୍ଦ ରହିବ। ସେହିଭଳି ଆସନ୍ତା ୯, ୧୬, ୨୩ ଓ ୩୦

ତାରିଖରେ ମଧ୍ୟ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି ବନ୍ଦ ରହିବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି।

*Desk*

## ଶିକ୍ଷକ ଦକ୍ଷତା ବିକାଶ

ରାଜ୍ୟର ବିଭିନ୍ନ ସ୍ତରର ୨୦ ହଜାର ୩୮୨ ପ୍ରାଥମିକ ସ୍ତରର ବିଦ୍ୟାଳୟ ଶିକ୍ଷକଙ୍କ ଦକ୍ଷତା ବିକାଶ କରାଯିବାପାଇଁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି । ଏଥିପାଇଁ ଶିକ୍ଷକଙ୍କ ତାଲିକା ପ୍ରଦାନ କରିବାକୁ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ସମସ୍ତ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଦକ୍ଷତା ବିକାଶ ପାଇଁ ଶିକ୍ଷକ ମନୋନୟନ କ୍ଷେତ୍ରରେ ନିର୍ଦ୍ଦିଷ୍ଟ ମାନଦଣ୍ଡକୁ ଅନୁପାଳନ କରିବାକୁ କୁହାଯାଇଛି ।

*Kalahandi/R*

## ଜନଜାତି ଯୁବ ଆଦାନ ପ୍ରଦାନ

କେନ୍ଦ୍ର ସରକାରଙ୍କ ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରଣାଳୟର ନେହେରୁ ଯୁବକେନ୍ଦ୍ର, କଳାହାଣ୍ଡି ଶାଖା ଓ ୬୪ ବାଟାଲିୟନ୍ କେନ୍ଦ୍ରୀ ରିଜର୍ଭ ପୁଲିସ ପକ୍ଷରୁ ୧୬ତମ ଜନଜାତି ଯୁବ ଆଦାନ ପ୍ରଦାନ କାର୍ଯ୍ୟକ୍ରମ ଯାତ୍ରା ପ୍ରଥମ ପର୍ଯ୍ୟାୟର ଶୁଭାରମ୍ଭ ହୋଇଛି । କଳାହାଣ୍ଡି ଜିଲ୍ଲା ୬୪ ବାଟାଲିୟନ୍ କେନ୍ଦ୍ରୀୟ ରିଜର୍ଭ ପୁଲିସ ବଳର ଅଟାଙ୍ଗଗୁଡ଼ାସ୍ଥିତ କ୍ୟାମ୍ପ୍ ପରିସରରେ ଆୟୋଜିତ

କାର୍ଯ୍ୟକ୍ରମରେ ଯୋଗଦେଇ ଜିଲ୍ଲାର ଭବାନୀପାଟଣା ବ୍ଲକ୍‌ର ଯୁଗସାହିପାଟଣା ଅଞ୍ଚଳରୁ ୩୦ ଜଣ ଯୁବକ ଯୁବତୀ ମୁମ୍ବାଇ ଯାତ୍ରା କରିଛନ୍ତି । ସେଠାରେ ଆସନ୍ତା ୪ରୁ ୧୦ ତାରିଖ ପର୍ଯ୍ୟନ୍ତ ଶିବିର ଅନୁଷ୍ଠିତ ହେବ ।

***Kendrapara, Bolangir/R***

## ଏଡ୍‌ସ ଦିବସ

କେନ୍ଦ୍ରାପଡ଼ା ଜିଲ୍ଲା ସ୍ୱାସ୍ଥ୍ୟ ସମିତି ପକ୍ଷରୁ ପୁରୁଣା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସମ୍ମିଳନୀ କକ୍ଷରେ ବିଶ୍ୱ ଏଡ୍‌ସ ଦିବସ ପାଳିତ ହୋଇଯାଇଛି । ଜିଲ୍ଲାରେ ୨୦୦୩ ମସିହାଠାରୁ ୨୦୨୪ ଅକ୍ଟୋବର ମଧ୍ୟରେ ୩୫୮ ଜଣ ଏଚ୍.ଆଇ.ଭି. ସଂକ୍ରମିତଙ୍କ ପଞ୍ଜୀକରଣ ହୋଇଥିବାବେଳେ ୩୪୭ ଜଣଙ୍କୁ ଔଷଧ ପ୍ରଦାନ କରାଯାଉଥିବା ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ସୂଚନା ଦେଇଛନ୍ତି ।

ବଲାଙ୍ଗିର ଜିଲ୍ଲା ସ୍ୱାସ୍ଥ୍ୟ ସମିତି ଆନୁକୂଲ୍ୟରେ ବିଶ୍ୱ ଏଡ୍‌ସ ଦିବସ ପାଳିତ ହୋଇଛି । କାର୍ଯ୍ୟକ୍ରମରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର, ପଦଯାତ୍ରା ଓ ସଚେତନତା ଅଭିଯାନର ଆୟୋଜିତ କରାଯାଇଥିଲା ।

***Desk***

# ପାଣିପାଗ

ବାତ୍ୟା ଫେଙ୍ଗାଲ ପ୍ରଭାବରେ ରାଜ୍ୟରେ ପାଗ ମେଘୁଆ ରହିଛି । ଏଥିସହିତ ତାପମାତ୍ରା ମଧ୍ୟ ହ୍ରାସ ପାଇଛି । ଆସନ୍ତା ୪ ତାରିଖ ପର୍ଯ୍ୟନ୍ତ ମେଘୁଆ ପାଗ ଲାଗିରହିବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପୂର୍ବାନୁମାନ କରିଛି । ଆସନ୍ତା ୨୪ ଘଣ୍ଟା ମଧ୍ୟରେ କଳାହାଣ୍ଡି, କନ୍ଧମାଳ, ନବରଙ୍ଗପୁର, ରାୟଗଡ଼ା, ମାଲକାନଗିରି, କୋରାପୁଟ, ସୁନ୍ଦରଗଡ଼, ଝାରସୁଗୁଡ଼ା, କେନ୍ଦୁଝର ଓ ଦକ୍ଷିଣ ଉପକୂଳ ଓଡ଼ିଶାର ଗୋଟିଏ ଦୁଇଟି ସ୍ଥାନରେ ସାମାନ୍ୟ ବର୍ଷାର ସମ୍ଭାବନା ରହିଛି । ୪ରୁ ୬ ତାରିଖ ମଧ୍ୟରେ ଦକ୍ଷିଣ ଆଭ୍ୟନ୍ତରୀଣ ଓଡ଼ିଶାରେ ତାପମାତ୍ରା ୪ ଡିଗ୍ରୀ ପର୍ଯ୍ୟନ୍ତ କମିବାର ପାଣିପାଗ ବିଭାଗ ପୂର୍ବାନୁମାନ କରିଛି ।

*****